# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 16 October - 2024

### News Editor : Tapan Kumar Moharana

*********************************

## ମୁଖ୍ୟ ସମ୍ବାଦ

- ହରିୟାଣା ଏବଂ ମୁମ୍ବାଇ ଗସ୍ତରେ ଗଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

— ଚଣ୍ଡିଗଡରେ ଆସନ୍ତାକାଲି ନବଗଠିତ ହରିୟାଣା ସରକାରଙ୍କ ଶପଥଗ୍ରହଣ ସମାରୋହରେ ଯୋଗଦେବେ

- ଅଦରକାରୀ ଆଇନ୍‌ଗୁଡ଼ିକୁ ପ୍ରତ୍ୟାହାର କରିବା ଲକ୍ଷ୍ୟରେ ଖୁବ୍‌ଶୀଘ୍ର ଗଠନ କରାଯିବ ଲ' ରିଭିଜନ୍ କମିଶନ; କହିଲେ ଆଇନ୍ ମନ୍ତ୍ରୀ

- ରାଜ୍ୟର ପୁରପଲ୍ଲୀରେ ଆଜି ପାଳନ କରାଯାଉଛି ଗଜଲକ୍ଷ୍ମୀ ପୂଜା ଓ କୁମାର ଉତ୍ସବ

ଏବଂ

- ଖାଦ୍ୟ ନିରାପତ୍ତା ଗୁରୁତ୍ୱକୁ ଉପଲବ୍ଧି କରି ଆଜି ପାଳନ କରାଯାଉଛି ବିଶ୍ୱ ଖାଦ୍ୟ ଦିବସ

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ହରିୟାଣା ଓ ମୁମ୍ବାଇ ଗସ୍ତରେ ଯାଇଛନ୍ତି । ଆସନ୍ତାକାଲି ଚଣ୍ଡିଗଡରେ ନବଗଠିତ ହରିୟାଣା ସରକାରଙ୍କ ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗଦେବେ । ଚଣ୍ଡିଗଡରେ ଏନ.ଡି.ଏ. ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ମଧ୍ୟ ଶ୍ରୀ ମାଝୀ  ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଚଣ୍ଡିଗଡ ଗସ୍ତ ଶେଷ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁମ୍ବାଇରେ ଆସନ୍ତା ଶୁକ୍ରବାର ଦିନ ଇଣ୍ଡିଆନ କେମିକାଲ୍ସ କ୍ଷେତ୍ରରେ ସମ୍ଭାବନା ସମ୍ବନ୍ଧିତ ଏକ ସମ୍ମିଳନୀରେ ଯୋଗଦେବେ । ଶୁକ୍ରବାର ଅପରାହ୍ନ ଓ ଶନିବାର ସକାଳେ ସେ ମୁମ୍ବାଇରେ ଆଗାମୀ 'ମେକ୍ ଇନ୍ ଓଡିଶା' ପାଇଁ ନିବେଶକ ସମ୍ମିଳନୀରେ ଯୋଗଦେବେ । ସେହିଦିନ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି ।

## ଏକ ଲ ରିଭିଜନ୍ କମିଟି ଗଠନ

ଅଦରକାରୀ ଆଇନ୍‌ଗୁଡ଼ିକୁ ପ୍ରତ୍ୟାହାର କରିବା ଲକ୍ଷ୍ୟରେ ଖୁବ୍‌ଶୀଘ୍ର ଏକ ଲ ରିଭିଜନ୍ କମିଟି ଗଠନ କରାଯିବ ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । କମିଟିର ସୁପାରିଶ୍ ଆଧାରରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ । ସେ କହିଛନ୍ତି......

**- V/O –**

## ପିଏମ୍‌-ଶାହା-ରାଇଜିଂ ଡେ’

ନ୍ୟାସନାଲ ସିକ୍ୟୁରିଟି ଗାର୍ଡ (ଏନ୍‌ଏସ୍‌ଜି)ର ପ୍ରତିଷ୍ଠା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏନ୍‌ଏସ୍‌ଜି ନଗେନ୍ ସାହୁ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଦେଶର ସୁରକ୍ଷା ପାଇଁ ଏନ୍‌ଏସ୍‌ଜି ଯବାନଙ୍କ ଅତୁଟ ସମର୍ପଣ, ସାହସ, ସଂକଳ୍ପ ଏବଂ ପ୍ରତିବଦ୍ଧତାର ସେ ଉଚ୍ଚ ପ୍ରଶଂସା କରିଛନ୍ତି।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମଧ୍ୟ ନ୍ୟାସନାଲ ସିକ୍ୟୁରିଟି ଗାର୍ଡ (ଏନ୍‌ଏସଜି)ର ପ୍ରତିଷ୍ଠା ଦିବସରେ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା ଏନଏସଜି ‘ସର୍ବତ୍ର ସର୍ବୋତ୍ତମ ସୁରକ୍ଷା’ର ଲକ୍ଷ୍ୟ ପୂରଣ କରୁଛି ବୋଲି କହିଛନ୍ତି। କର୍ତ୍ତବ୍ୟ ସମ୍ପାଦନ ସମୟରେ ଜୀବନ ବଳିଦାନ ଦେଇଥିବା ଏନ୍‌ଏସ୍‌ଜି ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରୀ ଶାହା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ଗ୍ରୀଡ୍ ସବ୍‌ଷ୍ଟେସନ

ରାଜ୍ୟରେ ନିର୍ମାଣଧୀନ ୨୦ରୁ ଅଧିକ ଗ୍ରୀଡ ସବ୍‌ଷ୍ଟେସନ ମଧ୍ୟରୁ ୧୧ଟି ଗ୍ରୀଡ ଖୁବ୍ ଶୀଘ୍ର ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡିଛି । ଗତକାଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହା ଜଣାପଡିଛି । ସୂଚନା ଅନୁଯାୟୀ ଦଶପଲ୍ଲାରେ ଗ୍ରୀଡ ସମ୍ପୂର୍ଣ୍ଣ ହେବା ପରିସ୍ଥିତିରେ ପହଞ୍ଚିଥିବାବେଳେ ହାଟବସ୍ତା ଗ୍ରୀଡ ସବ୍‌ଷ୍ଟେସନ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବ । ଅନ୍ୟପକ୍ଷରେ ଟିଟିଲାଗଡ ଓ

ଖଣ୍ଡପଡାରେ ଗ୍ରୀଡ ସବ୍‌ଷ୍ଟେସନ ସ୍ଥାପନ ନେଇ ଟିଟିଲାଗଡ ଓ ଖଣ୍ଡପଡା ବିଧାୟକ ବୈଠକରେ ପ୍ରସ୍ତାବ ଦେଇଛନ୍ତି ।

## ଅତିରିକ୍ତ ବଜେଟ୍ ପ୍ରସ୍ତୁତି

ରାଜ୍ୟ ସରକାର ଅତିରିକ୍ତ ବଜେଟ୍ ପ୍ରସ୍ତୁତ ନେଇ ବିଭାଗଗୁଡ଼ିକ ପାଖରୁ ପ୍ରସ୍ତାବ ଆହ୍ୱାନ କରିଛନ୍ତି। ଅନ୍‌ଲାଇନ୍ ମାଧ୍ୟମରେ ଯୋଜନା ଏବଂ ସଂଯୋଜନା ବିଭାଗ ଏବଂ ଅର୍ଥବିଭାଗ ନିକଟରେ ପ୍ରସ୍ତାବ ଦାଖଲ କରିବାକୁ ପ୍ରସ୍ତାବ ଦିଆଯାଇଛି। ଅର୍ଥବିଭାଗ ପ୍ରମୁଖ ସଚିବ ଶାସ୍ୱତ ମିଶ୍ର ଏ ନେଇ ସବୁ ବିଭାଗକୁ ଚିଠି ଲେଖିଛନ୍ତି। ପ୍ରଶାସନିକ ବ୍ୟୟ ସମ୍ପର୍କିତ ପ୍ରସ୍ତାବ ଆସନ୍ତା ୩୦ ତାରିଖ ସୁଦ୍ଧା ଦାଖଲ କରିବାକୁ କୁହାଯାଇଛି। ବିଧାନସଭାର ଆଗାମୀ ଶୀତକାଳୀନ ଅଧିବେଶନରେ ଚଳିତ ଆର୍ଥିକବର୍ଷର ଅତିରିକ୍ତ ବଜେଟ୍ ଉପସ୍ଥାପନର ସମ୍ଭାବନା ରହିଛି।

# ପୁରୀ ବିମାନ ବନ୍ଦର

ପୁରୀରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଅର୍ନ୍ତଜାତୀୟ ବିମାନ ବନ୍ଦର ପାଇଁ ଆବଶ୍ୟକ ହେଉଥିବା ପୁନର୍ବାସ ଓ ଥଇଥାନ ନିମନ୍ତେ ରାଜ୍ୟ ସରକାର ଏକ କମିଟି ଗଠନ କରିଛନ୍ତି । ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ପୁରୀ ସାଂସଦ, ବ୍ରହ୍ମଗିରି ବିଧାୟକଙ୍କ ସମେତ ଦଶଜଣ ସଦସ୍ୟ ଅଛନ୍ତି । ପ୍ରତି ତିନିମାସରେ ଏହି କମିଟିର ବୈଠକ ବସି ପ୍ରଭାବିତ ଅଞ୍ଚଳର ପୁନର୍ବାସ ଓ ଥଇଥାନ ସମ୍ପର୍କରେ ସମୀକ୍ଷା କରାଯିବ । ରାଜସ୍ୱ

ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ଗଜଲକ୍ଷ୍ମୀ ପୂଜା

ରାଜ୍ୟର ପୁରପଲ୍ଲୀରେ ଆଜି ଗଜଲକ୍ଷ୍ମୀ ପୂଜା ଓ କୁମାର ଉତ୍ସବ ପାଳନ କରାଯାଉଛି । ଆସନ୍ତାକାଲି କୁମାରପୂର୍ଣ୍ଣିମା ଓ ତା'ପରଦିନ ଠାରୁ କାର୍ତ୍ତିକବ୍ରତ ଆରମ୍ଭ ହେବ। ଆଜିଠାରୁ ମହାଲକ୍ଷ୍ମୀଙ୍କ ପଞ୍ଚଦିନାତ୍ମକ ପୂଜା ଆରମ୍ଭ ହୋଇଛି। କଟକ ମହାନଗରୀର ବିଭିନ୍ନ ପୂଜାମଣ୍ଡପ, ଢେଙ୍କାନାଳ, ବାଙ୍କୀ, କେନ୍ଦ୍ରାପଡା ଓ ଅନୁଗୋଳ ସମେତ ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କୁ ପୂଜା ଆରାଧନା କରାଯାଉଛି। **ଢେଙ୍କାନାଳ**ରେ ଆଜିଠାରୁ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ୩୮ରୁ ଊର୍ଦ୍ଧ୍ୱ ପୂଜା ପେଣ୍ଡାଲରେ ଲକ୍ଷ୍ମୀ ପୂଜା କରାଯାଉଛି। ଏହି ଅବସରରେ ସେଠାରେ ୯ଦିନ ଧରି ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ। ସେହିପରି ସପ୍ତମ ଜିଲ୍ଲାସ୍ତରୀୟ ଢେଙ୍କାନାଳ ମହୋତ୍ସବ ଆସନ୍ତା ୧୯ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ହେବ। **ଭଦ୍ରକ** ଜିଲ୍ଲାର ୪ଟି ପୌରାଞ୍ଚଳ ଏବଂ ୭ଟି ବ୍ଲକରେ ପାରମ୍ପରିକ ରୀତିନୀତି ଅନୁସାରେ ମହାଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରାଯାଉଛି। **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ପବିତ୍ର ଗଜଲକ୍ଷ୍ମୀ ପୂଜା ଏବଂ କୁମାର ପୂର୍ଣ୍ଣିମୀ ପାଇଁ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ମା'ଙ୍କ ଅପାର କରୁଣାରୁ ସମସ୍ତଙ୍କ ଜୀବନ ସୁଖ, ସମୃଦ୍ଧି ଏବଂ ଧନ ଧାନ୍ୟରେ ପରିପୂର୍ଣ୍ଣ ହେଉ ବୋଲି ମୁଖ୍ୟମନ୍ତ୍ରୀ କାମନା କରିଛନ୍ତି। **କେନ୍ଦ୍ର ଶିକ୍ଷା ମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଏହି ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବନକଲାଗି ନୀତି

ଆଶ୍ୱିନମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଆଜି ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ପରେ ଦତ୍ତମହାପାତ୍ର ସେବକମାନେ ଶ୍ରୀଜୀଉଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଆଜି ଅପରାହ୍ଣ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ୪ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ବିଶ୍ୱ ଖାଦ୍ୟ ଦିବସ

ସମସ୍ତଙ୍କ ପାଇଁ ଖାଦ୍ୟ ନିରାପତ୍ତାର ଗୁରୁତ୍ୱକୁ ଉପଲବ୍‌ଧି କରି ପ୍ରତ୍ୟେକ ବର୍ଷ ଆଜିର ଦିବସରେ ବିଶ୍ୱ ଖାଦ୍ୟ ଦିବସ ପାଳନ କରାଯାଉଛି। କ୍ଷୁଧା ନିବାରଣକୁ ଦୃଷ୍ଟିରେ ରଖି ସରକାରୀ ସ୍ତରରେ ନିଆଯାଉଥିବା ଅନେକ ପଦକ୍ଷେପ ସମ୍ପର୍କରେ ଜନସଚେତନତା ବୃଦ୍ଧି ଏହି ଦିବସ ପାଳନର ଉଦ୍ଦେଶ୍ୟ। ଚଳିତବର୍ଷର ବାର୍ତ୍ତା ରହିଛି 'ଏକ ଉନ୍ନତ ଜୀବନ ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଖାଦ୍ୟର ଅଧିକାର'। ୧୯୪୫ ମସିହା ଆଜିର ଦିନରେ ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ପ୍ରତିଷ୍ଠା କରାଯାଇଥିଲା। ଏହି ଦିବସକୁ ସ୍ମରଣ କରି ପ୍ରତିବର୍ଷ ବିଶ୍ୱ ଖାଦ୍ୟ ଦିବସ ପାଳିତ ହେଉଛି। ଖାଦ୍ୟ ନିରାପତ୍ତା ସହ କୃଷି କ୍ଷେତ୍ରରେ ନିରନ୍ତର ବିକାଶକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି।

## ଖାଦ୍ୟ ସୁରକ୍ଷା ପ୍ରତିବଦ୍ଧତା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଶ୍ୱ ଖାଦ୍ୟ ଦିବସ ଅବସରରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସମସ୍ତ ନାଗରିକଙ୍କ ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର

ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱରେ, କାର୍ଯ୍ୟକାରୀ ହେଉଥିବା ପିଏମ ଗରିବ କଲ୍ୟାଣ ଅନ୍ନ ଯୋଜନା ସମସ୍ତ ନାଗରିକଙ୍କ ପାଇଁ କଲ୍ୟାଣକାରୀ ହେବ ବୋଲି କହିଛନ୍ତି ।

## ଚାଷୀ ପଞ୍ଜୀକରଣ

**ଗଞ୍ଜାମ** ଜିଲାରେ ଚଳିତ ବର୍ଷ ଧାନ କିଣା ନେଇ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ଚଳିତ ବର୍ଷ ୧ ଲକ୍ଷ ୪୬ ହଜାର ୫୦୪ ଜଣ ଚାଷୀ ପଞ୍ଜୀକରଣ କରିଥିବା ବୈଠକରେ ସୂଚନା ଦିଆଯାଇଛି । ୨୦୨୩-୨୪ ଆର୍ଥିକବର୍ଷରେ ଜିଲାରେ ପଞ୍ଜୀକରଣ କରିଥିବା ୧ ଲକ୍ଷ ୪୬ ହଜାର ୫୪୧ ଜଣ ଚାଷୀଙ୍କ ମଧ୍ୟରୁ ୧ ଲକ୍ଷ ୩୯ ହଜାର ୩୮୦ ଜଣ ଚାଷୀ ସରକାରୀ ଦରରେ ଧାନ ବିକ୍ରି କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ।

## ସଦସ୍ୟତା ଅଭିଯାନ

**ନୟାଗଡ଼**ଠାରେ ଭାରତୀୟ ଜନତା ପାର୍ଟି ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଛି । ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ଯତୀନ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା କିପରି ଲୋକଙ୍କ ନିକଟରେ ପହଞ୍ଚିପାରିବ ଏବଂ ଦଳର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଅଧିକ ସଂଖ୍ୟାରେ ଲୋକ ସାମିଲ ହେବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

## ଗେଣ୍ଡୁଫୁଲ ଚାଷ

ଗେଣ୍ଡୁଫୁଲର ଚାହିଦା ବୃଦ୍ଧି ପାଉଥିବାରୁ **କନ୍ଧମାଳ** ଜିଲ୍ଲା ପ୍ରଶାସନ ପକ୍ଷରୁ ୩୦୦ ଏକର ଜାଗାରେ ଗେଣ୍ଡୁ ଫୁଲ ଚାଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ପ୍ରାଥମିକ ପର୍ଯ୍ୟାୟରେ ଫିରିଙ୍ଗିଆ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଗେଣ୍ଡୁଫୁଲ ଚାଷ ସମ୍ପର୍କରେ ତାଲିମ ଦିଆଯାଇଛି । ଫୁଲବାଣୀ ଆଇଟିଡିଏ ପକ୍ଷରୁ ଫୁଲ ଚାଷ ଉପରେ ଗୁରୁତ୍ୱ ଦିଆଯାଇ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ପ୍ରକଳ୍ପ ନିର୍ଦ୍ଦେଶିକା ଦେବଯାନୀ ଭୁଇଁଆ କହିଛନ୍ତି ।

## ଓଡିଶା ସିଭିଲ୍ ସର୍ଭିସ୍

ଓଡିଶା ସିଭିଲ୍ ସର୍ଭିସ୍ ପ୍ରିଲିମିନାରୀ ପରୀକ୍ଷା ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ । ଏ ସଂକ୍ରାନ୍ତ ବିଜ୍ଞପ୍ତି ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ପ୍ରକାଶ ପାଇଛି । ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର, କଟକ ଏବଂ ସମ୍ବଲପୁରରେ ଏହି ପରୀକ୍ଷା କରାଯିବ । ଦିବ୍ୟାଙ୍ଗ ପ୍ରାର୍ଥୀଙ୍କ ପାଇଁ ଅତିରିକ୍ତ ୪୦ ମିନିଟ୍ ସମୟ ଦିଆଯିବାକୁ ନିଷ୍ପତ୍ତି ହୋଇଛି । ପ୍ରବେଶ ପ୍ରମାଣପତ୍ର ଏବଂ ପରୀକ୍ଷା ସମ୍ପର୍କିତ ନିୟମାବଳୀ ଓଡ଼ିଶା ଲୋକସେବା ଆୟୋଗ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

*********************************